# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 14 October – 2026

********************************

## ମୁଖ୍ୟ ସମ୍ବାଦ

- ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମକୁ ଆଉ ୫ ବର୍ଷ ପର୍ଯ୍ୟନ୍ତ ଜାରି ରଖିବା ପାଇଁ କେନ୍ଦ୍ର କ୍ୟାବିନେଟ୍‌ରେ ନିଷ୍ପତ୍ତି ।

- ରେଳ କର୍ମଚାରୀଙ୍କୁ ମିଳିବ ୭୮ ଦିନର ବୋନସ ।

- ଓଡ଼ିଶା ଦେଶର ଶ୍ରେଷ୍ଠ ଉତ୍ପାଦନ କେନ୍ଦ୍ରସ୍ଥଳୀ ହେବ - କହିଲେ ମୁଖ୍ୟମନ୍ତ୍ରୀ; ଯାଜପୁରରେ ୩୯ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର କଲେ ଶୁଭାରମ୍ଭ ।

- ରାଜ୍ୟର ବିଭିନ୍ନ ଉଚ୍ଚଶିକ୍ଷାନୁଷ୍ଠାନରେ ଆସନ୍ତାକାଲି ହେବ ଛାତ୍ରସଂସଦ ନିର୍ବାଚନ ପାଇଁ ଭୋଟ୍‌ଗ୍ରହଣ ।

ଏବଂ

- ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକରେ କାର୍ତ୍ତିକ ମାସ ନୀତି ନିର୍ଘଣ୍ଟ ସମ୍ପର୍କରେ ଆଲୋଚନା ।

# କ୍ୟାବିନେଟ୍-ସୋସିଆଲ ଆସିଷ୍ଟାନ୍ସ

ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ- ଏନ୍ଏସ୍ଏପିକୁ ଆଉ ୫ ବର୍ଷ ୨୦୨୬-୨୭ରୁ ୨୦୩୦-୩୧ ବର୍ଷ ପର୍ଯ୍ୟନ୍ତ ଜାରି ରଖିବା ପାଇଁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ସାମାଜିକ ସୁରକ୍ଷା କ୍ଷେତ୍ର ପାଇଁ ସରକାର ୫୩ହଜାର ୪୨୮ କୋଟି ଟଙ୍କା ଅନୁମୋଦନ କରିଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି ଦିବ୍ୟାଙ୍ଗଜନ ପେନସନ ଯୋଜନାରେ ୭୯ବର୍ଷ ପର୍ଯ୍ୟନ୍ତ ବୟସ୍କଙ୍କୁ ୩୭୫ଟଙ୍କା ଏବଂ ୮୦ବର୍ଷରୁ ଊର୍ଦ୍ଧ୍ୱ ଯୋଗ୍ୟ ବ୍ୟକ୍ତିଙ୍କୁ ୬୨୫ ଟଙ୍କା ମିଳିବ । ଏହି ଯୋଜନାରେ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୩ କୋଟି ୨୦ଲକ୍ଷ ହିତାଧିକାରୀ ଉପକୃତ ହେବେ ।

**- V/O - (Ashwini Baishnab)**

ଶ୍ରୀ ବୈଷ୍ଣବ କହିଛନ୍ତି ବୟସ୍କ, ବିଧବା ମାନଙ୍କ ପାଇଁ ଥିବା ପେନ୍ସନ୍ ଯୋଜନା ପୂର୍ବଭଳି ଚାଲୁ ରହିବ ।

ସେହିଭଳି କେନ୍ଦ୍ର କ୍ୟାବିନେଟ୍ ରେଳକର୍ମଚାରୀଙ୍କ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତାକୁ ସ୍ୱୀକୃତି ଦେଇ ୧୧ଲକ୍ଷ ୪୦ ହଜାରରୁ ଅଧିକ କର୍ମଚାରୀଙ୍କୁ ୭୮ ଦିନର ବୋନସ ପ୍ରଦାନ କରିବାକୁ ଅନୁମୋଦନ କରିଛନ୍ତି । ବୋନସ ପ୍ରଦାନ ପାଇଁ କ୍ୟାବିନେଟ୍ ୨ହଜାର ୯ କୋଟିରୁ

ଅଧିକ ଟଙ୍କା ମଞ୍ଜୁର କରିଛନ୍ତି । ରେଳବାଇ ପକ୍ଷରୁ ପ୍ରତିବର୍ଷ ପାର୍ବଣ ଋତୁରେ ବୋନସ ପ୍ରଦାନ କରାଯାଇଥାଏ । ରେଳ କର୍ମଚାରୀମାନଙ୍କ କାର୍ଯ୍ୟଦକ୍ଷତା ବିକାଶ ଦିଗରେ ଏହା ଏକ ପ୍ରୋତ୍ସାହନ ଭାବେ କାର୍ଯ୍ୟ କରିଥାଏ ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ।

୭୮ ଦିନର ବୋନସ ବାବଦକୁ ଜଣେ କର୍ମଚାରୀଙ୍କୁ ସର୍ବାଧିକ ୧୭ହଜାର ୯୫୧ଟଙ୍କା ପ୍ରଦାନ କରାଯିବ । ରେଳବାଇରେ ଏବେ ୧ଲକ୍ଷ ୬୫ହଜାର ପଦବୀ ପାଇଁ  ନିଯୁକ୍ତି ପ୍ରକ୍ରିୟା ଜାରି ରହିଥିବା ମନ୍ତ୍ରୀ କହିଛନ୍ତି ।

## ମୁଖ୍ୟମନ୍ତ୍ରୀ - ପ୍ରକଳ୍ପ ଶିଳାନ୍ୟାସ

ନିବେଶର ନିଯୁକ୍ତି ଓ ଶିଳ୍ପାୟନର ସମୃଦ୍ଧି ସଂକଳ୍ପ ନେଇ ଓଡ଼ିଶା ଆଗେଇ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । ଯାଜପୁର ଜିଲ୍ଲା କଳିଙ୍ଗନଗରଠାରେ ଆଜି ମୁଖ୍ୟମନ୍ତ୍ରୀ ଅଣଚାଳିଶ ହଜାର ୩୮୩ କୋଟି ଟଙ୍କା ମୂଲ୍ୟର ୪୬ଟି ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିଛନ୍ତି । ଶ୍ରୀ ମାଝୀ କହିଛନ୍ତି, ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପାୟନ ସହ ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ଏଥିପାଇଁ ପ୍ରତ୍ୟେକ ଜିଲ୍ଲା ଓ ଶିଳ୍ପାଞ୍ଚଳରେ ଅଧିକ ଦକ୍ଷତା କେନ୍ଦ୍ର ଖୋଲି ଯୁବପିଢ଼ୀଙ୍କୁ ଶିଳ୍ପର ଆବଶ୍ୟକତା ଅନୁଯାୟୀ ଦକ୍ଷତା ପ୍ରଶିକ୍ଷଣ ଦିଆଯିବ । ଶିଳ୍ପ ଉଦ୍ୟୋଗୀଙ୍କ ସହ ଆଲୋଚନା ମାଧ୍ୟମରେ ସ୍ଥାନୀୟ ଯୁବକଯୁବତୀଙ୍କୁ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ

ଦେବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଶ୍ରୀ ମାଝୀ କଳିଙ୍ଗନଗରଠାରେ ଇଣ୍ଡିଆନ୍ ମେଟାଲ୍ସ ଏବଂ ଫେରୋ ଆଲଏଜ ଲିମିଟେଡ୍ ଓ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍‌ର ନୂତନ ପ୍ଲାଣ୍ଟକୁ ଉଦ୍‌ଘାଟନ କରିଛନ୍ତି । ଏହି ପ୍ରକଳ୍ପ ଗୁଡ଼ିକ ଦ୍ୱାରା ରାଜ୍ୟର ୪୨ ହଜାର ୫୧୨ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଛାତ୍ରସଂସଦ ନିର୍ବାଚନ

ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆସନ୍ତାକାଲି ଛାତ୍ରସଂସଦ ନିର୍ବାଚନ ପାଇଁ ଭୋଟ୍‌ଗ୍ରହଣ ଅନୁଷ୍ଠିତ ହେବ । ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମତଦାନ ହୋଇ ଫଳାଫଳ ଘୋଷଣା କରାଯିବ । ଏହା ପୂର୍ବରୁ ଆଜି 'ହ୍ୱାଏ ଆଇ ଷ୍ଟାଣ୍ଡ ଫର୍' ମିଟିଂ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଶୁକ୍ରବାର ପୂର୍ବାହ୍ନରେ ନବନିର୍ବାଚିତ ପ୍ରତିନିଧିଙ୍କ ଶପଥ ଗ୍ରହଣ ଅନୁଷ୍ଠିତ ହେବ । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯ' ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ବିନା ହିଂସାରେ ଶାନ୍ତିଶୃଙ୍ଖଳାର ସହ ମତଦାନ କରିବାକୁ ଶ୍ରୀ ସୂରଯ ଛାତ୍ରଛାତ୍ରୀମାନଙ୍କୁ ନିବେଦନ କରିଛନ୍ତି ।

ସୂଚନା ଅନୁଯାୟୀ ରାଜ୍ୟର ୩୨୮ଟି ମହାବିଦ୍ୟାଳୟ ଏବଂ ୧୩ଟି ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ପାଇଁ ନିର୍ବାଚନ ହେବ। ୨୦୨ଟି ମହାବିଦ୍ୟାଳୟ ଏବଂ ୩ଟି ବିଶ୍ୱବିଦ୍ୟାଳୟରେ ନିର୍ବାଚନ ବଦଳରେ ଛାତ୍ର ସଂସଦ ପାଇଁ ଚୟନ କରାଯିବ।

# ବଜ୍ରପାତ ସୁରକ୍ଷା କର୍ମଶାଳା

ବଜ୍ରପାତ ଜନିତ ମୃତ୍ୟୁ ଓ କ୍ଷୟକ୍ଷତି ହ୍ରାସ କରିବା ପାଇଁ ବୈଜ୍ଞାନିକ, ବୈଷୟିକ ତଥା ପ୍ରଶାସନିକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା ଲକ୍ଷ୍ୟରେ ଆସନ୍ତାକାଲିଠାରୁ ଦୁଇଦିନଧରି ଭୁବନେଶ୍ୱରଠାରେ ଏକ ଜାତୀୟ ବଜ୍ରପାତ ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହେବ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କର୍ମଶାଳାର ଉଦ୍‌ଘାଟନ କରିବେ । ଓଡ଼ିଶା ରାଜ୍ୟ ବିର୍ପ୍ୟୟ ପରିଚାଳନା କର୍ତ୍ତୃପକ୍ଷ-ଓସ୍‌ଡମା ପକ୍ଷରୁ ଆୟୋଜିତ ଏହି କର୍ମଶାଳରେ ଦେଶର ପ୍ରମୁଖ ବୈଜ୍ଞାନିକ ଓ ବୈଷୟିକ ଅନୁଷ୍ଠାନ, ବିଶ୍ୱବିଦ୍ୟାଳୟ, ବିପର୍ଯ୍ୟୟ ପରିଚାଳନା ସଂସ୍ଥା, ଗବେଷକ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେବେ । ବଜ୍ରପାତର ପୂର୍ବାନୁମାନ, ବିପଦ ଆକଳନ, ଆଗୁଆ ସତର୍କସୂଚନା ପ୍ରସାର ଏବଂ ଜନସାଧାରଣଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । କର୍ମଶାଳାର ପ୍ରଥମ ଦିନରେ ଉପଗ୍ରହ ତଥ୍ୟର ସମନ୍ୱୟ, ସଂଖ୍ୟାତ୍ମକ ପାଣିପାଗ ପୂର୍ବାନୁମାନ, କୃତ୍ରିମ ବୁଦ୍ଧିମତା ଓ ମେସିନ ଲର୍ଣ୍ଣିଂର ନୂତନ ପ୍ରୟୋଗ ଏବଂ ପଞ୍ଚାୟତସ୍ତରୀୟ ନିଷ୍ପତ୍ତି ସହାୟକ ବ୍ୟବସ୍ଥା ମାଧ୍ୟମରେ ବଜ୍ରପାତ ଚିହ୍ନଟ ଓ ପୂର୍ବାନୁମାନ ବ୍ୟବସ୍ଥାର ଉନ୍ନତି ଉପରେ ଆଲୋଚନା କରାଯିବା ସହ ନୂତନ କାର୍ଯ୍ୟଖସଡା ପ୍ରସ୍ତୁତ ହେବ ।

# ଛତିଶା ନିଯୋଗ ବୈଠକ

ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଛତିଶା ନିଯୋଗ ବୈଠକ ଜାରି ରହିଛି । ବୈଠକରେ

ଆସନ୍ତା ୨୨ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ହେବାକୁ ଥିବା କାର୍ତ୍ତିକମାସ ବାଲଧୂପ ନୀତି ନିର୍ଘଣ୍ଟ ସମ୍ପର୍କରେ ଆଲୋଚନା ହେଉଛି । ଶାନ୍ତି, ଶୃଙ୍ଖଳା ଓ ସମନ୍ୱୟ ରକ୍ଷା ସହ ନୀତି ନିର୍ଘଣ୍ଟ ସମାପନ ନେଇ ବୈଠକରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ । ପୁରୀ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ସମସ୍ତ ସେବାୟତ ନିଯୋଗ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଅଛନ୍ତି ।

## ଉପମୁଖ୍ୟମନ୍ତ୍ରୀ-କଟକ ସାହି

କଟକ ସହର ଓ ସାହିରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀର ବିକାଶ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି । ମହାନଦୀ ରିଭର ଫ୍ରଣ୍ଟର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ଆସନ୍ତା ୨ ବର୍ଷ ଭିତରେ ଏହାର କାର୍ଯ୍ୟ ଶେଷ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଜିଲ୍ଲା ଯୋଜନା ବୋର୍ଡ ବୈଠକ

ନୟାଗଡ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଯୋଜନା ବୋର୍ଡର ପ୍ରଥମ ବୈଠକ ଆଜି ଅନୁଷ୍ଠିତ ହୋଇଛି । ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଧାନସଭାର ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ନୟାଗଡ ଓ ଦଶପଲ୍ଲାର ବିଧାୟକ, ଜିଲ୍ଲାପରିଷଦ ଅଧ୍ୟକ୍ଷ, ଜିଲ୍ଲାପାଳ ପ୍ରମୁଖ ଜିଲ୍ଲାର ବିଭିନ୍ନ

ଅଞ୍ଚଳରେ ଚାଲିଥିବା ଉନ୍ନୟନମୂଳକ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ଏବଂ ସେଗୁଡ଼ିକର କାର୍ଯ୍ୟକାରୀତା ସମ୍ପର୍କରେ ସମୀକ୍ଷା କରିଥିଲେ ।

## ନବରାତ୍ରି

ନବରାତ୍ରିର ଚତୁର୍ଥ ଦିବସରେ ଆଜି ଶକ୍ତିପୀଠଗୁଡ଼ିକରେ ରୀତିନୀତି ସହ ପୂଜାର୍ଚ୍ଚନା ସାଙ୍ଗକୁ ମା'ଙ୍କ କୁଷ୍ମାଣ୍ଡା ବେଶ ଅନୁଷ୍ଠିତ ହେଉଛି । ଦେବୀ କୁଷ୍ମାଣ୍ଡା ହେଉଛନ୍ତି ତେଜ ଓ ପ୍ରତାପର ସ୍ୱରୂପ । ସାରା ବ୍ରହ୍ମାଣ୍ଡର ସମସ୍ତ ବସ୍ତୁ ଏବଂ ପ୍ରାଣୀଙ୍କଠାରୁ ନିର୍ଗତ ହେଉଥିବା ତେଜର ସୃଷ୍ଟିକର୍ତ୍ତା ଦେବୀ କୁଷ୍ମାଣ୍ଡା ବୋଲି ବିଶ୍ୱାସ ରହିଛି । ପୌରାଣିକ କିମ୍ବଦନ୍ତୀ ଅନୁସାରେ ମା'ଙ୍କ ଦିବ୍ୟହସ୍ତରୁ ବ୍ରହ୍ମାଣ୍ଡର ସୃଷ୍ଟି ହୋଇଥିଲା । ଏହି କାରଣରୁ ମା'ଙ୍କୁ କୁଷ୍ମାଣ୍ଡା ବୋଲି କୁହାଯାଏ । ସିଂହବାହିନୀ ମା' ଅଷ୍ଟଭୁଜା, ହସ୍ତରେ ତ୍ରିଶୂଳ, ଚକ୍ର, ଖଣ୍ଡା, ଅଙ୍କୁଶ, ଗଦା, ଧନୁ, ତୀର, ଅମୃତ କୁମ୍ଭ, ରକ୍ତପାତ୍ର ଓ କମଣ୍ଡଳୁ ଧାରଣ କରିଛନ୍ତି । ମା'ଙ୍କ ଆରାଧନା ମନରେ ସକାରାତ୍ମକ ଭାବନା ସହ ଜୀବନରେ ଆଶା ଓ ଆତ୍ମବିଶ୍ୱାସ ଜାଗ୍ରତ କରେ । ନବରାତ୍ରିର ଏହି ପବିତ୍ର ଅବସରରେ ମା' ସମସ୍ତଙ୍କ ଜୀବନରେ ସୁଖ, ସମୃଦ୍ଧି ଭରିଦିଅନ୍ତୁ ।

ନବରାତ୍ରି ଅବସରରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ କାର୍ଯ୍ୟାଳୟଠାରେ ଆୟୋଜିତ କନ୍ୟାପୂଜନ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଯୋଗଦେଇଥିଲେ । ଶ୍ରୀମତୀ ପରିଡ଼ା କହିଛନ୍ତି କନ୍ୟାପୂଜନ ଏକ ପୂଜା ନୁହେଁ ଏହା ନାରୀ ଶକ୍ତି ପ୍ରତି ଆମର ଶ୍ରଦ୍ଧା ଓ ସମ୍ମାନର ପ୍ରତୀକ । କନ୍ୟାପୂଜନ ସହ ଝିଅମାନଙ୍କୁ ସମ୍ମାନ,

ସୁରକ୍ଷା ଓ ଆଗକୁ ବଢ଼ିବାର ସମାନ ସୁଯୋଗ ଦେବାପାଇଁ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅସୁରାଳି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ଶିବିରରେ ୫ଟି ବିଭାଗର ଡାକ୍ତରୀ ଦଳ ଯୋଗଦେଇ ବିଭିନ୍ନ ପଞ୍ଚାୟତରୁ ଆସିଥିବା ୪୫୦ଜଣ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ନବରଙ୍ଗପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆର୍ଥିକ ବର୍ଷର ପ୍ରଥମ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୋଟ୍ ୩୭୭ଜଣ ଦିବ୍ୟାଙ୍ଗ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ୧୨୬ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ନିମନ୍ତେ ଚିହ୍ନଟ କରାଯାଇଥିଲା ।

## କର୍ମଶାଳା

ମାଲକାନଗିରି ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ମିଳିତ ଆନୁକୂଲ୍ୟରେ ଏଫ୍‌ଏଲ୍‌ସି କକ୍ଷଠାରେ ‘ବେଟି ବଚାଓ ବେଟି ପଢ଼ାଓ’ ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବୈଠକରେ କନ୍ୟାସନ୍ତାନ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ଗୁଣାତ୍ମକ ଶିକ୍ଷା ଉପରେ

ଆଲୋଚନା କରାଯାଇଥିଲା । ସମସ୍ତ ବିଭାଗ ମିଳିତଭାବେ କାର୍ଯ୍ୟକରି ଜିଲ୍ଲାରେ କନ୍ୟା ସନ୍ତାନଙ୍କ ସର୍ବାଙ୍ଗୀନ ବିକାଶ ଓ ସଶକ୍ତିକରଣକୁ ଆଗେଇ ନେବାକୁ ସଂକଳ୍ପ ଗ୍ରହଣ କରାଯାଇଥିଲା ।

## ମତ୍ସ୍ୟ ମେଳା

ରାଜ୍ୟର ଚାଷୀମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ କ୍ଷେତ୍ରରେ ଅଗ୍ରଗତି ପାଇଁ ବରଗଡଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆୟୋଜିତ ହୋଇଯାଇଛି । ଯଦୁମଣି ପ୍ରଧାନ ଅଡିଟୋରିୟମଠାରେ ଆୟୋଜିତ ମେଳାରେ ବହୁସଂଖ୍ୟକ ଚାଷୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ ।